# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧାମନଗର

ପତ୍ର ସଂଖ୍ୟା: ୩୧୮୫ / ତାରିଖ: ୦୭/୦୭/୨୦୨୬

## ଧାମନଗର ପଞ୍ଚାୟତ ସମିତି ଅଧୀନରେ ଥିବା ବ୍ଲକ କ୍ୱାର୍ଟର ନିକଟରେ ଚାରୋଟି ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନ ପାଇଁ ଟେଣ୍ଡର ବିଜ୍ଞପ୍ତି

**A- ଯୋଗ୍ୟତା**

- ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ ।
- ଆବେଦନ ଦାଖଲ ତାରିଖ ସୁଦ୍ଧା ଆବେଦନକାରୀଙ୍କ ବୟସ ୧୮ ବର୍ଷ ଓ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

**B- ଆବେଦନ ଦାଖଲ**

- ଆବେଦନ ଫର୍ମ ସହିତ ପ୍ରାସଙ୍ଗିକ ସୂଚନା, ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ବ୍ରୋସର (Brochure) ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ୫୦୦/- ଟଙ୍କା ବିନିମୟରେ ପ୍ରାପ୍ତ କରାଯାଇପାରିବ।
- ଆବେଦନକାରୀଙ୍କୁ ପୂରଣ ହୋଇଥିବା ଫର୍ମ (Annexure-I) ଏବଂ ସମସ୍ତ ଆବଶ୍ୟକୀୟ ଦଲିଲ ଏକ ସିଲ୍ କଭର ଲଫାପାରେ ଦାଖଲ କରିବାକୁ ହେବ ।
- ଲଫାପା ଉପରେ "APPLICATION FOR ALLOTMENT OF MARKET COMPLEX NEAR DHAMNAGAR BLOCK QUARTER" ଲେଖାଯିବା ଆବଶ୍ୟକ ।
- ଆବେଦନ ଫର୍ମ ସହିତ ୫୦୦/- ଟଙ୍କାର ଅଣ-ଫେରସ୍ତଯୋଗ୍ୟ ମନି ରସିଦ୍ ଦାଖଲ କରିବାକୁ ହେବ ।
- ଆବେଦନ କେବଳ ଧାମନଗର ପଞ୍ଚାୟତ ସମିତିର ଡ୍ରପ୍ ବକ୍ସ (Drop Box) ମାଧ୍ୟମରେ ଦାଖଲ କରାଯାଇପାରିବ। ଆବେଦନ ଦାଖଲ କରିବାର ସମୟ ସୀମା ୦୯.୦୭.୨୦୨୬ ରୁ ୧୫.୦୭.୨୦୨୬ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ଆବେଦନକାରୀଙ୍କୁ ନୋଟାରୀ/ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ନିକଟରେ ବ୍ରୋସରରେ ଉଲ୍ଲେଖ ଥିବା ସମସ୍ତ ନିୟମ ଓ ସର୍ତ୍ତାବଳୀ ପାଳନ କରିବା ପାଇଁ ଏକ ସତ୍ୟପାଠ (Written undertaking) ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପରରେ ନିଜ ଖର୍ଚ୍ଚରେ ଦାଖଲ କରିବାକୁ ପଡ଼ିବ ।
- ଆବଶ୍ୟକୀୟ ତଥ୍ୟ କିମ୍ବା ଜମା ବିନା ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ଖାରଜ କରାଯିବ ।
- ଦୋକାନ ଗୃହ ଗୁଡିକ ପାଇଁ ଲଟେରୀ ୧୭.୦୭.୨୦୨୬ ସକାଳ ୧୧ ଘଟିକା ସମୟରେ ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

**C- ଚୟନ ପ୍ରକ୍ରିୟା**

- ଦୋକାନ ଆବଣ୍ଟନ କେବଳ ଲଟେରୀ ମାଧ୍ୟମରେ ରୁମ୍ ନମ୍ବର ୧ ରୁ ୪ ପର୍ଯ୍ୟନ୍ତ କରାଯିବ।
- ପ୍ରତ୍ୟେକ ଗୃହ ପାଇଁ ଅଲଗା ଅଲଗା ଆବେଦନ ପତ୍ର ଆବଶ୍ୟକ ।

- ଲଟେରୀ ଉଠାଣର ୧୦ ଦିନ ମଧ୍ୟରେ ଧାମନଗର ପଞ୍ଚାୟତ ସମିତି ମନୋନୀତ ଆବେଦନକାରୀଙ୍କୁ ଅସ୍ଥାୟୀ ଆବଣ୍ଟନ ଆଦେଶ ଜାରି କରିବେ ।
- ଆବଣ୍ଟନ ପାଇଥିବା ବ୍ୟକ୍ତି ୨୦୦୦୦/- ଟଙ୍କା ସିକ୍ୟୁରିଟି ଡିପୋଜିଟ୍ ଭାବେ ଜମା କରିବେ ଏବଂ ଅସ୍ଥାୟୀ ଆବଣ୍ଟନର ସାତ ଦିନ ମଧ୍ୟରେ ପଞ୍ଚାୟତ ସମିତି ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ ।
- ମାସିକ ୧୦୦୦/- ଟଙ୍କା ଘର ଭଡ଼ା ପ୍ରତି ମାସର ୭ ତାରିଖ ମଧ୍ୟରେ କ୍ୟାଶ୍ ସେକ୍ସନରେ ଜମା କରିବାକୁ ହେବ ।

**D- ଆବଣ୍ଟନର ସର୍ତ୍ତାବଳୀ**

- ଦୋକାନ ଗୃହର ଆବଣ୍ଟନ ଲଟେରୀ ମାଧ୍ୟମରେ ହେବ ।
- ପ୍ରତ୍ୟେକ ଗୃହ ପାଇଁ ଅଲଗା ଅଲଗା ଆବେଦନ ପତ୍ର ଆବଶ୍ୟକ । ଗୋଟିଏ ଦରଖାସ୍ତରେ ଏକ ରୁ ଅଧିକ ଗୃହ ଚୟନ ପାଇଁ ଆବେଦନ କଲେ ସେହି ଆବେଦନ ଫର୍ମକୁ ନାକଚ କରାଯିବ ।
- କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ଯେକୌଣସି ଆବେଦନକୁ ଖାରଜ କରିବାର ଅଧିକାର ରଖନ୍ତି।
- ଆବଣ୍ଟନକାରୀ ଦୋକାନକୁ ଏପରି କୌଣସି କାର୍ଯ୍ୟ ପାଇଁ ବ୍ୟବହାର କରିବେ ନାହିଁ ଯାହା ଅନ୍ୟମାନଙ୍କ ପାଇଁ ଅସୁବିଧା କିମ୍ବା ବିରକ୍ତିର କାରଣ ହେବ, କିମ୍ବା ଯାହା ଆଇନ ବା ସରକାରୀ ନିର୍ଦ୍ଦେଶାବଳୀର ବିରୁଦ୍ଧରେ ଯାଉଥିବ ।
- ଜଳ ଯୋଗାଣ ଏବଂ ବିଦ୍ୟୁତ୍ ସଂଯୋଗ ପାଇଁ ଆବଣ୍ଟନକାରୀ ନିଜେ ଦାୟୀ ରହିବେ ଏବଂ ଏହାର ଖର୍ଚ୍ଚ ତଥା ଟ୍ରେଡ୍ ଲାଇସେନ୍ସ ଫି, ମାସିକ ଭଡ଼ା ଏବଂ ଅନ୍ୟାନ୍ୟ ଦେୟ ନିୟମିତ ଭାବେ ପୈଠ କରିବେ ।
- ବିଦ୍ୟମାନ ଗୃହର ଗଠନରେ କୌଣସି ପରିବର୍ତ୍ତନ ବା ସଂଯୋଗ କରାଯାଇପାରିବ ନାହିଁ ।
- ଆବଣ୍ଟିତ ସ୍ଥାନର ହସ୍ତାନ୍ତର କିମ୍ବା କୌଣସି ପ୍ରକାରର ଜବରଦଖଲ ସଂପୂର୍ଣ୍ଣ ନିଷେଧ ।
- ଯଦି ଆବେଦନକାରୀ କିମ୍ବା ଆବଣ୍ଟନକାରୀଙ୍କ ମୃତ୍ୟୁ ହୁଏ, ତେବେ ତାଙ୍କର ଆଇନଗତ ଉତ୍ତରାଧିକାରୀ ପ୍ରତିନିଧି ଭାବେ କାର୍ଯ୍ୟ କରିବେ।
- ପ୍ରତି ବର୍ଷ ଅଗଷ୍ଟ ମାସରେ ମାସିକ ଭଡ଼ା ୧୦୦/- ଟଙ୍କା ଲେଖାଏଁ ବୃଦ୍ଧି କରାଯିବ ।
- ଯଦି କ୍ରମାଗତ ତିନି ମାସ ଧରି ଭଡ଼ା ପୈଠ କରା ନଯାଏ, ତେବେ ନୋଟିସ୍ ଦେବା ପରେ ସିକ୍ୟୁରିଟି ଟଙ୍କା ବାଜ୍ୟାପ୍ତି କରାଯିବ ।
- ଅଗଷ୍ଟ ୨୦୨୯ ପରେ ଦୋକାନର ଭଡ଼ା ପଞ୍ଚାୟତ ସମିତିର ବୈଠକରେ ସ୍ଥିର କରାଯିବ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଧାମନଗର

## Before Notary Public

## Affidavit

Sri/Smt/Kumari. ______________________________________________

S/O. / D/O. / W/O. ____________________________________________

Village/ward ______________________ P.O. ___________________________

Dist. ______________________________ PIN ___________________________

is a permanent resident of above address do here by affirm and state as follows-

1. That I am submitting my application before the authority of BDO, Dhamnagar to avail a Market Complex room on rent basis near Dhamanagar Block Quarter.

2. That, I agree to abide the terms and conditions of BDO, Dhamnagar for allotment of market complex room for Business purpose near Dhamnagar Block Quarter..

3. That, I agree to deposit the Security money at the time of submission of application and the monthly rent (licence fee) regularly before the BDO, Dhamnagar.

4. That, I shall not claim the market complex room prior to its construction, if I will be selected for that.

5. That, I swear this affidavit to submit before the competent authority of BDO, Dhamnagar to avail a room for Business Purpose near Dhamnagar Block Quarter on rent basis vide Notification No. _____________ / date _____________

**Deponent**

**Identified by**

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧାମନଗର

ଧାମନଗର ପଞ୍ଚାୟତ ସମିତି ଅଧୀନରେ ଥିବା ବ୍ଲକ କ୍ୱାର୍ଟର ନିକଟରେ ଚାରୋଟି ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନ ନିମନ୍ତେ ଆବେଦନ ଫର୍ମ

୧. ଆବେଦନକାରୀଙ୍କ ନାମ: ____________________

୨. ପିତା/ସ୍ୱାମୀଙ୍କ ନାମ: ____________________

୩. ବୟସ: ____________________

୪. ଜାତି: ____________________

୫. ବାର୍ଷିକ ଆୟ: ____________________

୬. ଆଧାର କାର୍ଡ ନମ୍ବର: ____________________

୭. ସ୍ଥାୟୀ ବାସସ୍ଥାନର ଠିକଣା:

____________________

ବର୍ତ୍ତମାନର ବାସସ୍ଥାନ ଠିକଣା:

____________________

୮. ମୋବାଇଲ ନମ୍ବର: ____________________ ଲିଙ୍ଗ: __________

୯. କେଉଁ ପ୍ରକାର ବ୍ୟବସାୟ କରିବାକୁ ଚାହୁଁଛନ୍ତି: ____________________

୧୦. ଦରଖାସ୍ତ ଫି ଦାଖଲ:

ପରିମାଣ: __________ ଦରଖାସ୍ତ ଫି ଦାଖଲ ରସିଦ ନଂ ଓ ତାରିଖ: __________

୧୧. କେତେ ନମ୍ବର ଗୃହ ନେବା ପାଇଁ ଚାହୁଁଛନ୍ତି (✓) ଚିହ୍ନ ମାରନ୍ତୁ :

- ଗୃହ ନଂ ୧ - ( )
- ଗୃହ ନଂ ୨ - ( )
- ଗୃହ ନଂ ୩ - ( )
- ଗୃହ ନଂ ୪ - ( )

ଦରଖାସ୍ତ ସହିତ ନିମ୍ନ କାଗଜାତ ଦାଖଲ କରିବା ଆବଶ୍ୟକ:

କ. ଆଧାର କାର୍ଡ

ଖ. ୧ ଗୋଟି ରଙ୍ଗିନ ପାସପୋର୍ଟ ଫଟୋ

ଗ.ଦରଖାସ୍ତ ଫି ପାଇଁ ରସିଦ ନମ୍ବର ଓ ତାରିଖ

ଘ. ଆଫିଡେଭିଟ୍ (ଘୋଷଣାନାମା)

ଘୋଷଣାନାମା

ମୁଁ ଏତଦ୍ବାରା ଘୋଷଣା କରୁଅଛି କି, ମୋ ଦ୍ବାରା ଦିଆଯାଇଥିବା ଉପରୋକ୍ତ ତଥ୍ୟାବଳି ମୋ ଜ୍ଞାତସାରରେ ସଠିକ ଅଟେ ଓ ଚୁକ୍ତିନାମାର ସମସ୍ତ ସର୍ତ୍ତ ମୁଁ ଗ୍ରହଣ କରୁଅଛି । ଯଦି କୌଣସି ସମୟରେ ଏଥିରେ ଖିଲାପ ପରିଲକ୍ଷିତ ହୁଏ କିମ୍ବା ଭୁଲ ତଥ୍ୟ ଦେଇଥାଏ, ତେବେ ମୋର ଆବଣ୍ଟିତ ଗୃହ ବାତିଲ କରାଯିବ।

ଆବେଦନକାରୀଙ୍କ ସ୍ବାକ୍ଷର